# ସଂଖ୍ୟାଜ୍ଞାନ ପାଠ ଯୋଜନା-ଜାନୁଆରୀ- ୨୦୨୫

**ଏକକଶ୍ରେଣୀ ପାଠ ଯୋଜନା** **ବିଷୟ : ଗଣିତ** **ସମୟ : ୯୦ ମିନିଟ**

| ଶ୍ରେଣୀ | ପାଠ | ଶିକ୍ଷଣ ଫଳାଫଳ | ଶିକ୍ଷଣ ସାମଗ୍ରୀ |
|---|---|---|---|
| ପ୍ରଥମ | • ୱିକେଟ୍ ଉଡିଗଲା<br>• ପଳାପଳା ପୃଥିବୀ ଫାଟିଗଲା | • ଦୁଇଟି ସଂଖ୍ୟାର ଯୋଗଫଳ ନିର୍ଣ୍ଣୟ କରିବେ । (ଯୋଗଫଳ ୧୮ ମଧ୍ୟରେ ହେବ )<br>• ୯ ପର୍ଯ୍ୟନ୍ତ ସଂଖ୍ୟାକୁ ନେଇ ଯୋଗ ବିୟୋଗ ସମ୍ବଳିତ ଦୈନନ୍ଦିନ ଜୀବନର ସମସ୍ୟା ସମାଧାନ କରିବେ । | ହସଖେଳ ( ଦ୍ଵିତୀୟ ଭାଗ) ,ବର୍ଗାକାର କୋଠରି ବିଶିଷ୍ଟ କାଗଜ,କ୍ରେୟନ ,କାର୍ଯ୍ୟଫର୍ଦ୍ଦ, GKA Kit ରେ ଥିବା ସଂଖ୍ୟା ରେଖା ମାଳି ,ପୋଷାକ କ୍ଲିପ ,ସ୍କୋୟାର କାଉଣ୍ଟର ,ହଳଦିଆ ଘନ ।<br>(ଏହା ବ୍ୟତୀତ ଅନ୍ୟାନ୍ୟ ସ୍ଥାନୀୟ ଉପଲବ୍ଧ ଶିକ୍ଷଣ ସାମଗ୍ରୀ ) |

## ସକ୍ରିୟାତ୍ମକ କାର୍ଯ୍ୟ – ୧୦ ମିନିଟ

- ଶିକ୍ଷକ / ଶିକ୍ଷୟିତ୍ରୀ ପ୍ରଥମ ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀମାନଙ୍କୁ ନେଇ ଗୋଲାକାରରେ ଠିଆ କରାଇବେ । ଶିକ୍ଷକ/ ଶିକ୍ଷୟିତ୍ରୀ ନିଜେ ଗୋଲ୍ ମଝିରେ ରହି ଗୀତଟିକୁ ଅଭିନୟ ସହ ଆବୃତି କରିବେ ।
- ଶିକ୍ଷାର୍ଥୀମାନେ ଶିକ୍ଷକଙ୍କୁ ଅନୁକରଣ କରି ଆବୃତି କରିବେ ।

**ଗୀତ – "ଏକ ଏକ ମିଶି ଦୁଇ , ପ୍ରାର୍ଥନା କରିବା ଧାଡି ହୋଇ**

**ଦୁଇ ଦୁଇ ମିଶି ଚାରି , ଆସ ଖାଇବା ଖିରି**

**ତିନି ଦୁଇ ମିଶି ପାଞ୍ଚ , ମୋ ସହିତ ନାଚ**

**ଚାରି ଚାରି ମିଶି ଆଠ , ସକାଳୁ ଶେଯରୁ ଉଠ**

**ପାଞ୍ଚ ଦୁଇ ମିଶି ସାତ , ଖାଇବା ଆଗରୁ ଧୁଅ ହାତ**

**ଛଅ ତିନି ମିଶି ନଅ , ଖେଳ ପାଇଁ ସଜ ହୁଅ**

**ପାଞ୍ଚ ପାଞ୍ଚ ମିଶି ଦଶ , ଦଳ ଦଳ ହୋଇ ବସ "**

ଏହି କାର୍ଯ୍ୟ କରି ସାରିବା ପରେ ଶିକ୍ଷକ ପିଲାମାନଙ୍କୁ ଗୋଲାକାରରେ ବସାଇ ଖୋଲା ଆଲୋଚନା କରିବେ । ନିମ୍ନରେ ଦିଆଯାଇଥିବା ପ୍ରଶ୍ନକୁ ନେଇ ଆଲୋଚନା କରି ସଂକ୍ଷେପଣ କରିବେ ।


**ଆଲୋଚ୍ୟ ପ୍ରଶ୍ନ** –

୧. ଗୀତଟି ତୁମକୁ କିପରି ଲାଗିଲା ?
୨. ଦୈନନ୍ଦିନ ଜୀବନରେ ତୁମେ ଏହିପରି କାର୍ଯ୍ୟ (ଯୋଗ ) କେଉଁ କେଉଁ ସ୍ଥାନରେ କରିଛ ?

# ମୂର୍ତ୍ତ ପର୍ଯ୍ୟାୟ(Concrete stage) – ୩୦ ମିନିଟ୍

- ଶିକ୍ଷକ / ଶିକ୍ଷୟିତ୍ରୀ ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀମାନଙ୍କୁ ନେଇ ଦଳ ଗଠନ କରିବେ ।
- ପ୍ରତି ଦଳରେ ୪-୫ ଜଣ ଶିକ୍ଷାର୍ଥୀ ରହିବେ ।
- ଯେପରି ପ୍ରତି ଦଳରେ ଶ୍ରେଣୀର ପୁଅ ଓ ଝିଅ ଶିକ୍ଷାର୍ଥୀ ମିଶି ରହିବେ ।
- ବାଧିତ ଶିକ୍ଷାର୍ଥୀମାନଙ୍କୁ ଆବଶ୍ୟକ ଅନୁଯାୟୀ ଦଳରେ ବସାଯିବ ।

**ଶିକ୍ଷକଙ୍କ ସୂଚନା –**



- ପ୍ରତି ଦଳକୁ ଅଲଗା ଅଲଗା ଶିକ୍ଷଣ ସାମଗ୍ରୀ ଦେବେ।

ଦଳ ୧ –୩ ସ୍କୋୟାର କାଉଣ୍ଟର
ଦଳ ୨ –୪ ହଳଦିଆ ଘନ
ଦଳ ୫-୬ ସଂଖ୍ୟାରେଖା ମାଳି ଓ ପୋଷାକ କ୍ଲିପ

ଶିକ୍ଷକ ଦଳରେ ଶିକ୍ଷଣସାମଗ୍ରୀ ଓ ପରିସ୍ଥିତି ଫର୍ଦ୍ଦ ଦେଇ ଶିକ୍ଷଣକାର୍ଯ୍ୟ-୧ ଓ ୨ କରାଇବେ।

## କାର୍ଯ୍ୟ-୧

**ପରିସ୍ଥିତି ଫର୍ଦ୍ଦ -୧**

ତୁମ ବିଦ୍ୟାଳୟ ବଗିଚାରେ ଥିବା ଗୋଟିଏ ଅମୃତଭଣ୍ଡା ଗଛରୁ ମଧାହ୍ନ ଭୋଜନ ପ୍ରସ୍ତୁତି ପାଇଁ ୬ ଟି ଅମୃତଭଣ୍ଡା ତୋଳାଗଲା । ଅନ୍ୟ ଏକ ଗଛରୁ ଆଉ ୩ ଟି ଅମୃତଭଣ୍ଡା ତୋଳାଗଲା । ତେବେ ମୋଟରେ କେତୋଟି ଅମୃତ ଭଣ୍ଡା ତୋଳା ଗଲା ?

- ଆବଶ୍ୟକସ୍ଥଳେ ଶିକ୍ଷକ ଯେକୌଣସି ସାମଗ୍ରୀକୁ ନେଇ କାର୍ଯ୍ୟଟି କରାଇବେ ।
- ଦିଆଯାଇଥିବା ଶିକ୍ଷଣକାର୍ଯ୍ୟ ସମାପ୍ତ କରିବାପରେ ଶିକ୍ଷକ ସମସ୍ତ ଶିକ୍ଷାର୍ଥୀମାନଙ୍କୁ ନିମ୍ନୋକ୍ତ ପ୍ରଶ୍ନ ଆଧାରରେ ଖୋଲା ଆଲୋଚନା କରିବେ ।

**ଆଲୋଚ୍ୟ ପ୍ରଶ୍ନ –**

- ତୁମ ଦଳରେ ଦିଆଯାଇଥିବା ସାମଗ୍ରୀକୁ ନେଇ ତୁମେମାନେ ସମସ୍ୟାକୁ କିପରି ସମାଧାନ କଲ ? (ଶିକ୍ଷକ ପ୍ରତ୍ୟେକ ଦଳକୁ ସେମାନଙ୍କର ସାମଗ୍ରୀ ନେଇ ସମସ୍ୟାଟିର ସମାଧାନକୁ ଉପସ୍ଥାପନ କରିବାକୁ ସୁଯୋଗ ଦେବେ ।)
- ଦଳରେ ଦିଆଯାଇଥିବା ସାମଗ୍ରୀକୁ ବ୍ୟବହାର କରି ସମସ୍ୟା ସମାଧାନର ଉତ୍ତର ସମସ୍ତ ଦଳର ସମାନ ହେଲା କି ? କାହିଁକି ?
- ଘରେ ବା ବାହାରେ ତୁମେ କେବେ ଆଉ କିଛି ବସ୍ତୁକୁ ନେଇ ଏପରି କାର୍ଯ୍ୟ କରିଛ କି ?

## କାର୍ଯ୍ୟ-୨

**ପରିସ୍ଥିତି ଫର୍ଦ୍ଦ -୨**

ତୁମ ବାପା ରବିବାର ଦିନ ହାଟରୁ ୮ ଟି ଚକୋଲେଟ ଆଣି ତୁମକୁ ଦେଇଥିଲେ । ସେଦିନ ତୁମ ମାମୁଁ ତୁମକୁ ୭ଟି ଚକୋଲେଟ ଦେଲେ । ତେବେ ମୋଟରେ ତୁମେ ସେଦିନ କେତୋଟି ଚକୋଲେଟ ପାଇଥିଲ ?

- ଦିଆଯାଇଥିବା ଶିକ୍ଷଣକାର୍ଯ୍ୟ ସମାପ୍ତ କରିବାପରେ ଶିକ୍ଷକ ସମସ୍ତ ଶିକ୍ଷାର୍ଥୀମାନଙ୍କୁ ପୂର୍ବୋକ୍ତ ପ୍ରଶ୍ନ ଆଧାରରେ ଖୋଲା ଆଲୋଚନା କରିବେ ଓ ଶିକ୍ଷାର୍ଥୀମାନଙ୍କ ସହାୟତାରେ ମୂର୍ତ୍ତ ପର୍ଯ୍ୟାୟର ସଂକ୍ଷେପଣ କରିବେ ।

# ଚିତ୍ରିତ ପର୍ଯ୍ୟାୟ(Representation Stage) – ୨୦ ମିନିଟ୍

**କାର୍ଯ୍ୟ -୩**

**ଶିକ୍ଷକଙ୍କ ସୂଚନା –**

- ପ୍ରତ୍ୟେକ ଦଳକୁ ନିମ୍ନ କାର୍ଯ୍ୟଫର୍ଦ୍ଦରୁ ଗୋଟିଏ ଲେଖାଏଁ ଦିଆଯିବ ।

- ପରିସ୍ଥିତି -୧ ରେ ଥିବା ସଂଖ୍ୟା ଅନୁଯାୟୀ ଦିଆଯାଇଥିବା କାର୍ଯ୍ୟଫର୍ଦ୍ଦର ଚିତ୍ରକୁ ରଙ୍ଗ ଦେବାକୁ ସୂଚନା ଦେବେ ।


- ଶିକ୍ଷାର୍ଥୀମାନେ ଦଳରେ ଏହି କାର୍ଯ୍ୟ କରିବେ ,ଆବଶ୍ୟକସ୍ଥଳେ ଶିକ୍ଷକ ସହାୟତା ପ୍ରଦାନ କରିବେ ।
-ପ୍ରତ୍ୟେକ ଶିକ୍ଷାର୍ଥୀ, ଶିକ୍ଷକଙ୍କ ସୂଚନା ଅନୁସାରେ ମଧ୍ୟ ବ୍ୟକ୍ତିଗତ ଭାବେ କାର୍ଯ୍ୟ କରିବେ ।
-ଶେଷରେ ଶିକ୍ଷକ ଏହି ପର୍ଯ୍ୟାୟର କାର୍ଯ୍ୟକୁ କଳାପଟାରେ ଶିକ୍ଷାର୍ଥୀଙ୍କ ସହାୟତାରେ ଆଲୋଚନା କରିବେ ।

**କାର୍ଯ୍ୟଫର୍ଦ୍ଦ -୧**

ସୂଚନା – ପ୍ରଥମ ଗଛରୁ ତୋଳାଯାଇଥିବା ଅମୃତଭଣ୍ଡା ସଂଖ୍ୟା ଅନୁଯାୟୀ ☐ କୋଠରିଗୁଡିକ ରଙ୍ଗ ଦିଅ ।

ଦ୍ୱିତୀୟ ଗଛରୁ ତୋଳାଯାଇଥିବା ଅମୃତଭଣ୍ଡା ସଂଖ୍ୟା ଅନୁଯାୟୀ ☐ କୋଠରିଗୁଡିକ ରଙ୍ଗ ଦିଅ ।

**ମୋଟ କେତୋଟି କୋଠରିରେ ରଙ୍ଗ ଦେଲ ।**



ପରିସ୍ଥିତି -୨ କୁ ନେଇ ଚିତ୍ରିତ ଉପସ୍ଥାପନା କରିବେ ।

**ପ୍ରଶ୍ନ** – ୧ । ସମସ୍ୟାରେ ଥିବା ସଂଖ୍ୟା ଅନୁଯାୟୀ କାର୍ଯ୍ୟଫର୍ଦ୍ଦରେ ଦିଆଯାଇଥିବା ଚିତ୍ରରେ ରଙ୍ଗ ଦିଆଯାଇଛି / ଦେଇଛ କି ?
୨ । ମୋଟ କେତୋଟି ଚିତ୍ରରେ ରଙ୍ଗ ଦେଇଛ ?
୩) ସମସ୍ୟାଟିର ଉତ୍ତର କେତେ ହେଲା ?

**ଶିକ୍ଷକ/ ଶିକ୍ଷୟିତ୍ରୀ ପ୍ରଶ୍ନଗୁଡିକୁ ପଚାରି ଚିତ୍ରିତ ପର୍ଯ୍ୟାୟକୁ ସଂକ୍ଷେପଣ କରିବେ ।**

**କାର୍ଯ୍ୟ -୪** **ଅମୂର୍ତ୍ତ ପର୍ଯ୍ୟାୟ–୧୦ ମିନିଟ୍**

-

**କାର୍ଯ୍ୟ ଫର୍ଦ୍ଦ -୧**

- ଶିକ୍ଷକ/ଶିକ୍ଷୟିତ୍ରୀ ଦଳରେ କାର୍ଯ୍ୟଫର୍ଦ୍ଦ-୧ (ପରିସ୍ଥିତି -୧ ନିମନ୍ତେ )ଦେଇ ପ୍ରଶ୍ନର ଉତ୍ତର କରିବା ପାଇଁ ସୂଚନା ଦେବେ ।

**ଶୂନ୍ୟ କୋଠରି ପୂରଣ କର।**

ପ୍ରଥମ ଗଛରୁ ତୋଳାଯାଇଥିବା ଅମୃତଭଣ୍ଡା ସଂଖ୍ୟା = ☐

ଅନ୍ୟ ଏକ ଗଛରୁ ତୋଳାଯାଇଥିବା ଅମୃତଭଣ୍ଡା ସଂଖ୍ୟା = ☐

ତେବେ ମୋଟରେ ତୋଳାଯାଇଥିବା ଅମୃତଭଣ୍ଡା ସଂଖ୍ୟା = ☐ + ☐ = ☐

**କାର୍ଯ୍ୟଫର୍ଦ୍ଦ -୨**

- ଶିକ୍ଷକ/ଶିକ୍ଷୟିତ୍ରୀ ଦଳରେ କାର୍ଯ୍ୟଫର୍ଦ୍ଦ-୨ (ପରିସ୍ଥିତି -୨ ନିମନ୍ତେ )ଦେଇ ପ୍ରଶ୍ନର ଉତ୍ତର କରିବା ପାଇଁ ସୂଚନା ଦେବେ ।

**ଶୂନ୍ୟ କୋଠରି ପୂରଣ କର।**

ବାପା ଦେଇଥିବା ଚକୋଲେଟ ସଂଖ୍ୟା = ☐

ମାମୁଁ ଦେଇଥିବା ଚକୋଲେଟ ସଂଖ୍ୟା = ☐

ତେବେ ମୋଟରେ ପାଇଥିବା ଚକୋଲେଟ ସଂଖ୍ୟା = ☐ + ☐ = ☐

**ଶିକ୍ଷକ ପ୍ରତି ପ୍ରଶ୍ନ ଆଧାରରେ ଆଲୋଚନା କରିବେ ।**

**ଆଜି ଆମେ କଣ  ଶିଖିଲେ ?**

- ଦୁଇଟି ସଂଖ୍ୟାର ଯୋଗଫଳ ନିର୍ଣ୍ଣୟ କରିବା ଶିଖିଲୁ । `

## ଅଭ୍ୟାସ କାର୍ଯ୍ୟ  -(୨୦ ମିନିଟ୍ )

**କାର୍ଯ୍ୟ -୫**

ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ  ବ୍ୟକ୍ତିଗତ ଭାବରେ ପ୍ରଥମ ଶ୍ରେଣୀର ପାଠ୍ୟ ପୁସ୍ତକର  ଅଭ୍ୟାସକାର୍ଯ୍ୟ ଓ କାର୍ଯ୍ୟପୁସ୍ତିକାରେ ଥିବା କାର୍ଯ୍ୟଫର୍ଦ୍ଦଗୁଡିକ ପୂରଣ କରିବାକୁ କହିବେ । ନିଜ ନିଜ ମଧ୍ୟରେ  ସଂଶୋଧନ କରିବା ପାଇଁ କହିବେ ।  ଆବଶ୍ୟକସ୍ଥଳେ ସହାୟତା କରିବେ ଓ ସଂଶୋଧନ କରିବେ ।

| **ଶ୍ରେଣୀ** | **ପାଠ୍ୟପୁସ୍ତକର  ଅଭ୍ୟାସକାର୍ଯ୍ୟ** | **କାର୍ଯ୍ୟପୁସ୍ତିକାର କାର୍ଯ୍ୟଫର୍ଦ୍ଦ** |
|---|---|---|
| **ପ୍ରଥମ** | ହସ ଖେଳ ( ଦ୍ୱିତୀୟ ଭାଗ) ପୃଷ୍ଠା-୧୪୭  ଓ ୧୪୮ | ପୃଷ୍ଠା – ୭୫ |

- ଶିକ୍ଷକ ସ୍ୱାକ୍ଷର କରିବେ , ଓ ବ୍ୟକ୍ତିଗତ ପ୍ରତିପୃଷ୍ଟି ଦେବେ ।